# Visit of Minister of State for External Affairs, Shri V. Muraleedharan to attend UN Security Council High Level Meeting

October 10, 2021

## ଜାତିସଂଘ ସୁରକ୍ଷା ପରିଷଦର ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବା ପାଇଁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନଙ୍କ ନ୍ୟୁୟର୍କ ଗସ୍ତ

**ଅକ୍ଟୋବର 10, 2021**

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ 11-13 ଅକ୍ଟୋବର 2021 ନ୍ୟୁୟର୍କ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ 12 ଅକ୍ଟୋବର 2021 ରେ ଅନୁଷ୍ଠିତ ହେବାକୁଥିବା ଶାନ୍ତି ପ୍ରତିଷ୍ଠା ତଥା ଏହାକୁ ବଜାୟ ରଖିବା ଶୀର୍ଷକ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଉଚ୍ଚସ୍ତରୀୟ ଖୋଲା ବିତର୍କରେ ସେ ଭାରତର ପ୍ରତିନିଧିତ୍ୱ କରିବେ। ଅକ୍ଟୋବର 2021 ରେ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା କରୁଥିବା କେନିଆ ଦ୍ୱାରା ଏହି ବୈଠକ ଡକାଯାଇଛି ଏବଂ କେନିଆର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଉହୁରୁ କେନିଆଟାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହେବ।

2. ଜାତିସଂଘ ସୁରକ୍ଷା ପରିଷଦର ଉଚ୍ଚସ୍ତରୀୟ ବୈଠକରେ ବିବାଦକୁ ରୋକିବା ଏବଂ ଏହାର ସମାଧାନ କରିବା ତଥା ବିବିଧତାର ପ୍ରଭାବୀ ପରିଚାଳନା ତଥା ଶାନ୍ତିପୂର୍ଣ୍ଣ ସହବସ୍ଥାନକୁ ପ୍ରୋତ୍ସାହିତ କରି ରାଷ୍ଟ୍ର ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହି ଆଲୋଚନା ସଦସ୍ୟ ରାଷ୍ଟ୍ରମାନଙ୍କୁ ଶାନ୍ତି ପ୍ରତିଷ୍ଠା ଏବଂ ଶାନ୍ତି ବଜାୟ ରଖିବାରେ ଅନ୍ତର୍ଦୃଷ୍ଟି ତଥା ଅଭିଜ୍ଞତାକୁ ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

3. ବିବାଦ ମଧ୍ୟଦେଇ ଗତି କରୁଥିବା ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ତଥା ସାମାଜିକ-ଅର୍ଥନୈତିକ ବିକାଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଭାରତର ବିକାଶ ସହଭାଗୀତା ଆବଶ୍ୟକତା ଅନୁଯାୟୀ ରହିଆସିଛି ଏବଂ ସ୍ଥାୟୀ କ୍ଷମତା ବିକାଶ ପାଇଁ ଲକ୍ଷ୍ୟ ରଖିଛି। ଏହିପରି ଉଦ୍ୟମକୁ ଆଗକୁ ବଢାଇବାକୁ ଭାରତ ଜାତିସଂଘ ସମେତ ଏହାର ଆନ୍ତର୍ଜାତିକ ସହଭାଗୀମାନଙ୍କ ସହ କାର୍ଯ୍ୟ ଜାରି ରଖିବ।

**ନୂଆଦିଲ୍ଲୀ**

**ଅକ୍ଟୋବର 10, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.